# ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀଙ୍କ କାର୍ଯ୍ୟାଳୟ, ଲମତାପୁଟ
## ଅଙ୍ଗନୱାଡି କର୍ମୀ ନିଯୁକ୍ତି ନିମନ୍ତେ ବିଜ୍ଞାପନ (Online)
**Website: www.engagement-awc.odisha.gov.in**

ବିଜ୍ଞାପନ ସଂଖ୍ୟା: ୪୮୬ / ୨୦୨୬ ତାରିଖ:୧୯ .୦୫ .୨୦୨୬

ଏତଦ ଦ୍ୱାରା ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ, ଲମତାପୁଟଙ୍କ , ଉକ୍ତ ଗ୍ରାମରେ ଖାଲିଥିବା ଅଙ୍ଗନୱାଡି କେନ୍ଦ୍ର ପାଇଁ କର୍ମୀ ନିଯୁକ୍ତି ସକାଶେ ଇଚ୍ଛୁକ ପ୍ରାର୍ଥିନୀଙ୍କ ଠାରୁ online ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ପ୍ରାର୍ଥିନୀମାନେ ତା. **୨୧ .୦୫ .୨୦୨୬** ରିଖ ଠାରୁ ତା **୦୫ .୦୬ .୨୦୨୬** ରିଖ ସୁଦ୍ଧା Online ମାଧ୍ୟମରେ ନିମ୍ନ ବର୍ଣ୍ଣିତ ଆବଶ୍ୟକୀୟ ପ୍ରମାଣପତ୍ର ଦାଖଲ (Upload) କରିବା ସହ ଅଙ୍ଗନୱାଡି କର୍ମୀ ପଦବୀ ନିମନ୍ତେ ଆବେଦନ କରିବେ। ଆବେଦନ ପତ୍ର ଗ୍ରହଣ କରିବାର ଶେଷ ତାରିଖ **୦୫ .୦୬ .୨୦୨୬** ଅଟେ। ଧାର୍ଯ୍ୟ ତାରିଖ ପରେ କୌଣସି ଦରଖାସ୍ତ **online** ମାଧ୍ୟମରେ ଦାଖଲ ହୋଇପାରିବ ନାହିଁ।

**ଦରଖାସ୍ତ ଆହ୍ୱାନ କରାଯାଉଥିବା ଅଙ୍ଗନୱାଡି କେନ୍ଦ୍ରର ସମ୍ପୂର୍ଣ୍ଣ ବିବରଣୀ**

| କ୍ରମିକସଂଖ୍ୟା | ଅଙ୍ଗନୱାଡି କେନ୍ଦ୍ରର ନାମ | ଗ୍ରାମ ପଞ୍ଚାୟତର ନାମ | ସଂଲଗ୍ନ ଅଞ୍ଚଳ / ସାହିର ନାମ |
|---|---|---|---|
| ୧ | ବାଦିଗଡ-I | ବାଦିଗଡ | ବାଦିଗଡ |
| ୨ | ମାଟିଖାଲ | ଟିକେନପୁଟ | ମାଟିଖାଲ |
| ୩ | ବନ୍ଧପଡା-I | ଗଡ଼ିହଞ୍ଜର | ବନ୍ଧପଡା |
| ୪ | କାକାଳପଡା-ii | ଜଲାହଞ୍ଜର | କାକାଳପଡା |
| ୫ | ଖିଲପୁଟ | ତୁସୁବା | ଖିଲପୁଟ |
| ୬ | ହାଟସୁକୁ | କୁମାରଗନ୍ଧଣା | ହାଟସୁକୁ |

ସରକାରଙ୍କ ପରିବର୍ତ୍ତିତ ନିୟମାବଳୀକୁ ଭିତ୍ତିକରି ଏହି ଚୟନ ପ୍ରକ୍ରିୟା Online ମାଧ୍ୟମ ଦ୍ୱାରା କରାଯିବ। ଏହି ପଦବୀ ସମ୍ପୂର୍ଣ୍ଣ ଅସ୍ଥାୟୀ ଅଟେ। ଏହି ନିଯୁକ୍ତି ପରେ ପ୍ରାର୍ଥିନୀଙ୍କୁ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ କେନ୍ଦ୍ରରେ ଯୋଗଦାନ କରିବା ଦିନ ଠାରୁ ମାସିକ ମାନଦେୟ ଭତ୍ତା ପ୍ରଦାନ କରାଯିବ। ନିଯୁକ୍ତି ପ୍ରାପ୍ତ ପରେ ପ୍ରାର୍ଥିନୀ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ପରିସର ମଧ୍ୟରେ ରହିବାକୁ ବାଧ୍ୟ ଅଟନ୍ତି। ମନୋନୀତ ହୋଇଥିବା ପ୍ରାର୍ଥିନୀ ଅଙ୍ଗନୱାଡି କାର୍ଯ୍ୟ ସମ୍ପର୍କିତ ତାଲିମ ଯେକୌଣସି ସମୟରେ ନେବା ବାଧ୍ୟତାମୂଳକ ଅଟେ।

ଶିଶୁ ବିକାଶ ଯୋଜନା ଅଧିକାରୀ
Child Development Project Officer
ICDS PROJECT, LAMTAPUT

# ଅଙ୍ଗନୱାଡି କର୍ମୀ ପଦବୀ ପାଇଁ ଆବେଦନ ସର୍ତ୍ତାବଳୀ:

ଆବେଦନକାରୀ ମାନେ ଅଙ୍ଗନବାଡି କର୍ମୀ ପଦବୀ ପାଇଁ ଆବେଦନ କରିବା ପୂର୍ବରୁ ନିମ୍ନ ଲିଖିତ ସର୍ତ୍ତାବଳୀ ଗୁଡିକୁ ଅନୁଧ୍ୟାନ କରିବେ।

୧. ଆବେଦନକାରୀ ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ର ସେବା ପରିସର ଭୁକ୍ତ କିମ୍ବା ସମ୍ପୃକ୍ତ ଗ୍ରାମର କିମ୍ବା ଉକ୍ତ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ର ସଂଲଗ୍ନ ଗ୍ରାମ ର ସ୍ଥାୟୀ ବାସିନ୍ଦା ହୋଇଥିବା ଦରକାର।

୨. ପ୍ରାର୍ଥିନୀ ଙ୍କ ବୟସ ତା **୦୧.୦୧.୨୦୨୬** ରିଖ ସୁଦ୍ଧା ୧୮ ବର୍ଷ କିମ୍ବା ତଦୁର୍ଦ୍ଧ ହୋଇଥିବ ଓ ୩୫ ବର୍ଷ ମଧ୍ୟରେ ହୋଇଥିବା ଦରକାର।

୩. ପ୍ରାର୍ଥିନୀଙ୍କ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା **+୨ (ଯୁକ୍ତ ଦୁଇ)** ହୋଇଥିବା ଦରକାର।

୪. ଏହି ପଦବୀ ନିମନ୍ତେ ପ୍ରଥମତଃ ଅଙ୍ଗନବାଡି କେନ୍ଦ୍ର ସେବା ପରିସର ଭୁକ୍ତ ଅନୁସୂଚିତ ଜନ ଜାତି ସଂପ୍ରଦାୟ ପ୍ରାର୍ଥିନୀ ମାନଙ୍କୁ ଅଗ୍ରାଧିକାର ଦିଆଯିବ। ଯଦି ସମ୍ପୃକ୍ତ ଗ୍ରାମ ରେ କୌଣସି ପ୍ରାର୍ଥିନୀ ନ ମିଳନ୍ତି, ସମ୍ପୃକ୍ତ ଗ୍ରାମ ପଞ୍ଚାୟତ ର ଅନୁସୂଚିତ ଜନଜାତିସଂପ୍ରଦାୟ ପ୍ରାର୍ଥିନୀ ମାନଙ୍କ ଆବେଦନ କୁ ବିଚାର କୁ ନିଆଯିବ। ଯଦି ପଞ୍ଚାୟତ ମଧ୍ୟରେ ଅନୁସୂଚିତ ଜନଜାତିସଂପ୍ରଦାୟ ପ୍ରାର୍ଥିନୀ ନ ମିଳନ୍ତି ତା ହେଲେ ଅନୁସୂଚିତ ଜାତି ସମ୍ପ୍ରଦାୟ ର ପ୍ରାର୍ଥିନୀ ଙ୍କ ଆବେଦନ କୁ ବିଚାର କୁ ନିଆଯିବ। ଯଦି ଅନୁସୂଚିତଜନଜାତି କିମ୍ବା ଅନୁସୂଚିତଜାତିସଂପ୍ରଦାୟର ପ୍ରାର୍ଥିନୀ ନ ମିଳନ୍ତି ତା ହେଲେ କେନ୍ଦ୍ର ସେବା କ୍ଷେତ୍ର ପରିସର ଭୁକ୍ତ ଅଣ ଅନୁସୂଚିତଜାତି/ଜନଜାତି ବର୍ଗ ପ୍ରାର୍ଥିନୀ ମାନଙ୍କ ଦରଖାସ୍ତ ବିଚାରକୁ ନିଆଯିବ।

୫. ପ୍ରାର୍ଥିନୀ ଙ୍କ ଓଡିଆ ବିଷୟରେ ଜ୍ଞାନ ଥିବା (ଲେଖିବା, ପଢ଼ିବା, କହିବା) ବାଧ୍ୟତାମୂଳକ ଅଟେ ।

୬. ବିଧବା, ଅନାଥ, ସ୍ୱାମୀ ପରିତ୍ୟକ୍ତା,ଦିବ୍ୟାଙ୍ଗ ମହିଳା,ଉଚ୍ଚ ଶିକ୍ଷିତ ମହିଳା ମାନଙ୍କୁ ଚୟନ ସମୟରେ ସରକାର ଙ୍କ ନିୟମାବଳୀ ଅନୁସାରେ ଅତିରିକ୍ତ ଅଙ୍କ ଦିଆଯିବ।

୭. ସମନ୍ୱିତ ଶିଶୁ ବିକାଶ ଯୋଜନା ଅଞ୍ଚଳରେ ଥିବା ବାଲୱାଡି କେନ୍ଦ୍ର ଗୁଡିକ ବନ୍ଦ ହେବା ପରେ ଧାରା ୩ ଅନୁଯାୟୀ ଆବଶ୍ୟକ ଯୋଗ୍ୟତା ଥିବା ବାଲୱାଡି କର୍ମୀ ମାନେ ଯଦି ଉପଯୁକ୍ତ ପ୍ରମାଣିତ ହୁଅନ୍ତି ଏବଂ ୫ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରିଛନ୍ତି ତେବେ ସେମାନଙ୍କୁ ଅଙ୍ଗନବାଡି କର୍ମୀ ଭାବେ ଚୟନ କରାଯିବ।

## ଦରଖାସ୍ତ ଆବେଦନ କରୁଥିବା ସମୟ ରେ ଆବଶ୍ୟକ ପଡୁଥିବା ପ୍ରମାଣ ପତ୍ର:

ଆବେଦନକାରୀ ମାନେ ଅଙ୍ଗନବାଡି କର୍ମୀ ପଦବୀ ପାଇଁ ନିର୍ଦ୍ଧାରିତ online web portal(www.engagement-awc.odisha.gov.in)କୁ ଯାଇ ପ୍ରଥମେ public signup କୁ click କରି ନିଜ ନାମ କୁ ପଞ୍ଜୀକରଣ ) Registration କରିବେ, ଏହା ପରେ public login କୁ click କରି view engagement ad କୁ click କରି ଆପଣଙ୍କ ଗ୍ରାମାଞ୍ଚଳ କୁ ନେଇ ବାହାରିଥିବା ଅଙ୍ଗନବାଡି କର୍ମୀ ପଦବୀ ପାଇଁ apply button କୁ click କରି ନିଜସ୍ୱ ( user name ଓ password) ବ୍ୟବହାର କରି ଦରଖାସ୍ତ ଦାଖଲ କରିପାରିବେ। online apply ବେଳେ ନିମ୍ନ ଲିଖିତ ପ୍ରମାଣ ପତ୍ର upload କରିବେ।

୧. ଦରଖାସ୍ତ ଆବେଦନକାରୀ ଙ୍କ ନିଜର ଦସ୍ତଖତ ଦାଖଲ(signature upload) ହୋଇଥିବା ଆବଶ୍ୟକ।
୨. ନିଜର ଗୋଟିଏ ରଙ୍ଗୀନ ପାସପୋର୍ଟ ଆକାର ଫୋଟ recent passport size photo)upload ହୋଇଥିବା ଦରକାର।
୩. ନିଜର ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର ଯଥା +୨ ପାସ କିମ୍ବା ତହିଁ ରୁ ଉର୍ଦ୍ଧ ପାସ କରିଥିବା ପ୍ରମାଣ ପତ୍ର ଓ ମାର୍କ sheet ର ନକଲ ଦାଖଲ (upload) କରିବେ।
୪. ତହସିଲଦାର ଙ୍କ ଠାରୁ ପ୍ରାପ୍ତ ହୋଇଥିବା ସାମ୍ପ୍ରତିକ ଜାତିଗତ ଓ ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର। ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ୬ ମାସ ମଧ୍ୟରେ ଜାରି କରାଯାଇଥିବ ଏହାର ନକଲ ଦାଖଲ (upload) କରିବେ।
୫. ନିଜର ଆଧାର ପରିଚୟ ପତ୍ର ଦାଖଲ (upload) କରିବେ।
୬. ଆବେଦନକାରୀ ଯଦି ବିଧବା, ସ୍ୱାମୀପରିତ୍ୟକ୍ତା, ବିକଳାଙ୍ଗ, ଅସହାୟ କିମ୍ବା ଅନାଥ ହୋଇଥିଲେ ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷ ଙ୍କ ଠାରୁ ପ୍ରମାଣ ପତ୍ର ଦାଖଲ)upload କରିବେ।

**ବିଦ୍ର.** କୌଣସି ପରିସ୍ଥିତିରେ ନିର୍ଦ୍ଧାରିତ ତାରିଖ କିମ୍ବା ସମୟସୀମା ଅତିବାହିତ ପରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ଅସମ୍ପୂର୍ଣ୍ଣ ତଥା ଆବଶ୍ୟକ ପ୍ରମାଣ ପତ୍ର ଅପଲୋଡ ହୋଇନଥିଲେ ଦରଖାସ୍ତ ଫର୍ମ ନାକଚ କରାଯିବ। ପ୍ରାପ୍ତ ହୋଇଥିବା ସମସ୍ତ ଅନଲାଇନ ଦରଖାସ୍ତ ଆବେଦନ କରିବାର ଶେଷ ତାରିଖ ପରେ ଯାଞ୍ଚ କରାଯିବ। ଏଣୁ ନିଜର ମୂଳ ପ୍ରମାଣ ପତ୍ର ଗୁଡିକ ସହ ନିମ୍ନ ସ୍ୱାକ୍ଷରକାରୀ ଙ୍କ କାର୍ଯ୍ୟାଳୟରେ ତା **୦୬ .୦୬.୨୦୨୬ ରିଖ (ଶନିବାର ) ଦିବା ୧୧.୦୦** ଠାରୁ **୦୧.୦୦** ଘଟିକା ମଧ୍ୟରେ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହି ଯାଞ୍ଚ ପ୍ରକ୍ରିୟା ରେ ଭାଗନେବେ ନଚେତ ଦରଖାସ୍ତ ରଦ୍ଦ କରାଯିବ ଏବଂ ସେହି ପଦବୀ ପାଇଁ ଯୋଗ୍ୟ ବିବେଚିତ ହେବେନାହିଁ।ଖାରଜ କିମ୍ବା କାୟମ ହୋଇଥିବା ଆବେଦନକାରୀଙ୍କ ତାଲିକା www.engagement-awc.odisha.gov.in ମାଧ୍ୟମରେ ପ୍ରକାଶ କରାଯିବ। ଯଦି କୌଣସି

ଆବେଦନକାରୀଙ୍କ ଅଭିଯୋଗ ଥାଏ ,ସେମାନେ public login ମାଧ୍ୟମରେ ଦାଖଲ କରିପାରିବେ। ସମସ୍ତ ପ୍ରକ୍ରିୟା online ମାଧ୍ୟମରେ ହେବ।

ଅଙ୍ଗନବାଡି କର୍ମୀପଦବୀଟି ସରକାରୀ ପଦ ବା ସ୍ଥାୟୀ ନ ହୋଇ ଏକ ସ୍ୱେଚ୍ଛା ସେବିକା ହୋଇଥିବାରୁ ଅବୈତନିକ ଏବଂ ସ୍ଥାନୀୟ ଲୋକସେବା ନିମନ୍ତେ ଉଦ୍ଦିଷ୍ଟ ହୋଇଥିବାରୁ ଉକ୍ତ ପଦ ପାଇଁ ସରକାରଙ୍କ ତରଫରୁ **ନିର୍ଦ୍ଦିଷ୍ଟ ଦରମାର ବ୍ୟବସ୍ଥା ନାହିଁ କିମ୍ବା ଏହା ନିୟମିତ ସରକାରୀ ଚାକିରୀ ନୁହେଁ, ତେଣୁ ଓଡିଶା ସରକାର** O.R.V Act.1975 **କିମ୍ବା କର୍ମ ସ୍ଥାପନ ନିଯୋଜନ ଆଇନ, ଏହି କ୍ଷେତ୍ରରେ ଲାଗୁ ହେବ ନାହିଁ କିମ୍ବା ସରକାରୀ ପଦବାଚ୍ୟ ହେବ ବୋଲି ଦାବି କରିପାରିବେ ନାହିଁ।** ସରକାରଙ୍କ ନିୟମ ଅନୁଯାୟୀ ମାସିକ ହାରରେ ମାନଦେୟ ଦିଆଯାଇଥାଏ ଯାହାକି ବର୍ତ୍ତମାନ ମାସିକ ୧୦,୦୦୦/- ଟଙ୍କା ଦିଆ ଯାଉଅଛି।

ଶିଶୁ ବିକାଶ ଯୋଜନା ଅଧିକାରୀ
ଲମତାପୁଟ
Child Development Project Officer
I.C.D.S PROJECT, LAMTAPUT

***ବିଶେଷ ଦ୍ରଷ୍ଟବ୍ୟ:*** ***ମହିଳା ଓ ଶିଶୁ ବିକାଶ ବିଭାଗ, ଓଡିଶା ସରକାରଙ୍କ ଚିଠିନଂ ୪୯୭୦ ତା୧୫.୦୩.୨୦୨୩ ର ସଂଶୋଧନ ନିୟମାବଳୀକୁ ଦେଖନ୍ତୁ। ଏହା ସମନ୍ଧିତ ଶିଶୁ ବିକାଶ ପ୍ରକଳ୍ପ,ଲମତାପୁଟ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ।***

//୩//

ପ୍ରାପ୍ତ ହୋଇଥିବା ସମସ୍ତ Online ଦରଖାସ୍ତ ଏବଂ ସମସ୍ତ ମୂଳ ପ୍ରମାଣପତ୍ର ଗୁଡିକ (Original Certificates) ଆବେଦନକାରୀଙ୍କ ଉପସ୍ଥିତିରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଆବେଦନ କରିବାର ଶେଷ ତାରିଖ ପରେ ତା. **୦୬.୦୬ .୨୦୨୬** ରିଖ (ଶନିବାର )ଦିନ **୧୧.୦୦** ସମୟରେ ଯାଞ୍ଚ କରାଯିବା ନିମନ୍ତେ ଧାର୍ଯ୍ୟ କରାଯାଇଅଛି। ଯେଉଁ ଆବେଦନକାରୀମାନେ ଯାଞ୍ଚ ପ୍ରକ୍ରିୟା ଦିନ ଅନୁପସ୍ଥିତ ରୁହନ୍ତି ସେମାନଙ୍କର ଦରଖାସ୍ତ ବିଚାରକୁ ନିଆଯିବ ନାହିଁ। ଯାଞ୍ଚ ପ୍ରକ୍ରିୟାକୁ ଆସିବା ନିମନ୍ତେ ପ୍ରାର୍ଥିନୀ ମାନଙ୍କୁ କୌଣସି ଗସ୍ତ ଖର୍ଚ୍ଚ ଦିଆଯିବ ନାହିଁ। ଖାରଜ ହୋଇଥିବା କିମ୍ବା କାୟମ ଥିବା ଆବେଦନକାରୀଙ୍କ ତାଲିକା Online Web Portal **(www.engagement-awc.odisha.gov.in)** ମାଧ୍ୟମରେ ପ୍ରକାଶ କରାଯିବ। ଯଦି କୌଣସି ଆବେଦନକାରୀଙ୍କ କିଛି ଅଭିଯୋଗ ଥାଏ,ସେମାନେ ନିଜ Public Login କୁ ଯାଇ ନିଜସ୍ୱ **Username & Password** କୁ ବ୍ୟବହାରକରି Online ମାଧ୍ୟମରେ ଅଭିଯୋଗ ଦାଖଲ କରିପାରିବେ।

ଶିଶୁ ବିକାଶ ଯୋଜନା ଅଧିକାରୀ
ଲମତାପୁଟ
Child Development Project Officer
I.C.D.S PROJECT, LAMTAPUT

ପରିପତ୍ର ସଂଖ୍ୟା:୪୮୭ / ୨୦୨୬

ତାରିଖ: **୧୯ .୦୫ .୨୦୨୬**

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଲମତାପୁଟ / ସ୍ୱାସ୍ଥ୍ୟ ଅଧିକାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଲମତାପୁଟ / ତହସିଲଦାର, ଲମତାପୁଟ / ଗୋଷ୍ଠୀ ଶିକ୍ଷା ଅଧିକାରୀ, ଲମତାପୁଟ / ସମ୍ପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ସରପଞ୍ଚ / ସମ୍ପୃକ୍ତ ଗ୍ରାମର ପ୍ରଧାନ ଶିକ୍ଷକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ଏହାକୁ ସର୍ବସାଧାରଣଙ୍କ ଜାଣିବା ନିମନ୍ତେ ବିଜ୍ଞାପନ ଫଳକରେ ପ୍ରକାଶ କରିବା ପାଇ ଅନୁରୋଧ କରାଗଲା।

ଶିଶୁ ବିକାଶ ଯୋଜନା ଅଧିକାରୀ
ଲମତାପୁଟ
Child Development Project Officer
I.C.D.S PROJECT, LAMTAPUT

ପରିପତ୍ର ସଂଖ୍ୟା: ୪୮୮ / ୨୦୨୬

ତାରିଖ: **୧୯ .୦୫ .୨୦୨୬**

ଏହାର ଏକକିତା ନକଲ ସମ୍ପୃକ୍ତ ସେକ୍ଟର ସୁପରଭାଇଜରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା। ନିଜ ଉପସ୍ଥିତିରେ ତାଲିକାଭୁକ୍ତ ସମ୍ପୃକ୍ତ ଅଙ୍ଗନୱାଡିକେନ୍ଦ୍ର ଅଞ୍ଚଳରେ Online ବିଜ୍ଞାପନ ବିଷୟରେ ଅବଗତି କରି / ପ୍ରକାଶ କରି ସମ୍ପୃକ୍ତ ଗ୍ରାମବାସୀଙ୍କ ସ୍ୱାକ୍ଷରିତ ବିବରଣୀ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ୩ଦିନ ମଧ୍ୟରେ ଦାଖଲ କରିବେଏବଂ ତତସହିତ କେନ୍ଦ୍ର ପରିସର ଦାଇତ୍ୱରେ ଥିବା ଭାରପ୍ରାପ୍ତ ଅଙ୍ଗନୱାଡିକର୍ମୀ ମାନଙ୍କଦ୍ୱାରା ଏହି Online ବିଜ୍ଞାପନ ବିଷୟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ବହୁଳପ୍ରସାର କରିବା ପାଇଁ ଆଦେଶ ଦିଆଗଲା।

ଶିଶୁ ବିକାଶ ଯୋଜନା ଅଧିକାରୀ
ଲମତାପୁଟ
Child Development Project Officer
I.C.D.S PROJECT, LAMTAPUT

ପରିପତ୍ର ସଂଖ୍ୟା: ୪୮୯ / ୨୦୨୭

ତାରିଖ:୧୯.୦୫.୨୦୨୭

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, କୋରାପୁଟ / ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, କୋରାପୁଟଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ଶିଶୁ ବିକାଶ ଯୋଜନା ଅଧିକାରୀ
ଲମତାପୁଟ
Child Development Project Officer
I.C.D.S PROJECT, LAMTAPUT